# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ମଣ୍ଡଳୀର ଜନ୍ମ


ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
Alastair Paterson
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada



©2022 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।






ଯେତେବେଳେ ଯୀଶୁଙ୍କର ମୃତୁ ହେଲା, ତାଙ୍କ ଶିଶ୍ୟମାନେ ନିଜ ଜୀବନ ଭୟରେ ଲୁଚି଼ଗଲେ । ଯୀଶୁଙ୍କ ପୁନରୁଥାନ ପରେ, ସେ ନିଜ ଶୁଶ୍ୟମାନଙ୍କୁ ଦର୍ଶନ ଦେଲେ । ଯୀଶୁ ବଞ୍ଚିଥିଲେ, ମାତ୍ର – ଯୀଶୁ ସେମାନଙ୍କୁ ଛାଡ଼ି ଚ଼ାଲିଯିବାକୁ ଯୋଜନା କଲେ, ସେ ସ୍ୱର୍ଗକୁ ଯିବାକୁ ଯେଉଁଠାରେ ସେ ସର୍ବଦା ସଦାପ୍ରଭୁଙ୍କ ସହିତ ରହୁଥିଲେ, ତାଙ୍କ ପିତା ।


ତାଙ୍କ ଯିବା ଆଗରୁ, ଯୀଶୁ ସେମାନଙ୍କୁ ସାହାଯ୍ୟ ଓ ସାନ୍ତନା ଦେବା ନିମନ୍ତେ ପବିତ୍ର ଆତ୍ମା ପ୍ରେରଣ କରିବେ ବୋଲି ତାଙ୍କ ଶିଶ୍ୟମାନଙ୍କୁ ପ୍ରତିଜ୍ଞା କଲେ । (ଯୋହନ ୧୫ ୨୬) । ସେହି ସମୟ ସନ୍ନିକଟ ହେଲା କିଛିଦିନ ପରେ ଯୀଶୁ ଚ଼ାଲିଗଲେ, ପବିତ୍ରାତ୍ମା ପରମେଶ୍ୱର ଆସିଲେ ।
3
ଏହା ଏପରି ହେଲା । ପ୍ରାୟ ୧୨୦ ଯୀଶୁଙ୍କର ଶିଶ୍ୟମାନେ ଏକ ଗୃହରେ ରହି ପ୍ରାର୍ଥନା କରୁଥିଲେ । ଆଚ଼ାନକ୍ ଭାବରେ, ସେହି ଗୃହ ଏକ ପ୍ରବଳ ବେଗର ବହୁଥିବା ପ୍ରଚ଼ଣ୍ଡ ପବନର ଶବ୍ଦରେ ପୂର୍ଣ୍ଣ ହେଲା ।
4
ଅଗ୍ନିସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚ଼ ହୋଇ ଗୋଟି ଗୋଟି ହୋଇ ପ୍ରତ୍ୟକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇଗଲେ- ଠିକ୍ ଯେପରି ଯୀଶୁ ସେମାନଙ୍କୁ ପ୍ରତିଜ୍ଞା କରିଥିଲେ ।
5
ବାହାରେ ରାସ୍ତାରେ, ଯୀଶୁଙ୍କ ଶିଶ୍ୟମାନେ ଅନେକ ପ୍ରକାର ଭାଷା କହିଲେ ଯାହାକି ସେମାନେ କେବେହେଁ ଶିଖି ନଥିଲେ । ବିଦେଶି ଆଗନ୍ତୁକ ଯେଉଁମାନେ ଯିରୁଶାଲମକୁ ଆସିଥିଲେ ପ୍ରତ୍ୟେକେ ନିଜ ନିଜ ଭାଷାରେ ସେମାନଙ୍କୁ ସଦାପ୍ରଭୁଙ୍କ ମହାନ କାର୍ଯ୍ୟ ବିଷୟରେ ଶିଶ୍ୟମାନଙ୍କଠାରୁ ଶୁଣିଲେ । ଆଗନ୍ତୁକ ଲୋକମାନେ ଚ଼ମତ୍କୃତ ହୋଇଗଲେ । ଏହି ଲୋକମାନଙ୍କର କଅଣ ହୋଇଛି, ସେମାନେ ପଚ଼ାରିଲେ । ସେମାନେ ନୂତନ ଦ୍ରାକ୍ଷାରସରେ ମତ୍ତ ଅଟନ୍ତି, ଅନ୍ୟମାନେ ପରିହାସ କଲେ ।
6
ମାତ୍ର ପିତର କହିଲେ, ଏହି ଲୋକମାନ ମତ୍ତ ନୁହନ୍ତି । ... ଏହି ବିଷୟରେ ଭାବବାଦୀ ଯୋୟେଲଙ୍କ ଦ୍ୱାରା ସଦାପ୍ରଭୁ କହିଛନ୍ତି ... ତାହାପରେ ପିତର ସେମାନଙ୍କୁ ମନେ ପକାଇଦେଲେ ଅନେକ ବର୍ଷ ଆଗରେ, ସଦାପ୍ରଭୁ ପ୍ରତିଜ୍ଞା କରିଥିଲେ ପବିତ୍ର ଆତ୍ମା ଆସି ଲୋକମାନଙ୍କୁ ଆଶିର୍ବାଦ ଓ ସାହଯ୍ୟ କରିବେ ।
7
ପିତର ଲୋକମାନଙ୍କୁ କହିଲେ ସେମାନେ ନିଜ ନିଜ ପାପରୁ ଫେରି ନାଜରିତୀୟ ଯାଶୁଙ୍କ ନାମରେ ବାପ୍ତିଜିତ ହେବାକୁ ପଡ଼ିବ ... ତେବେ ତୁମ୍ଭେମାନେ ପବିତ୍ରାତ୍ମାଙ୍କର ଦାନ ପ୍ରାପ୍ତ ହେବେ । ପ୍ରାୟ ୩୦୦୦ ଲୋକ ଶିଶ୍ୟମାନଙ୍କ ସହିତ ଯୀଶୁଙ୍କ ଉପାସନାରେ ମଣ୍ଡଳି ସହିତ ସଂଯୁକ୍ତ ହେଲେ । କାଳକ୍ରମେ ଅଧିକରୁ ଅଧିକ ଲୋକ ମଣ୍ଡଳିରେ ସଂଯୁକ୍ତ ହେଲେ ଯାହା ସଦାପ୍ରଭୁ ସେହି ପବିତ୍ରାତ୍ମାଙ୍କ ଆଗମନ ଦିନରେ ପ୍ରାରମ୍ଭ କରିଥିଲେ ।
3000
8


ପବିତ୍ର ଆତ୍ମା ତାଙ୍କ ଲୋକମାନଙ୍କ ଜୀବନରେ ଶକ୍ତି
ଆଣିଲା, ଦିନେ, ପିତର ଓ ଯୋହନ ପ୍ରାର୍ଥନା କରିବା
ହେତୁ ମନ୍ଦିରକୁ ଯାଉଥିଲେ । ମନ୍ଦିରର ପ୍ରବେଶଦ୍ୱାର
ବାହାରେ ଏକ ଖଞ୍ଜା ଭିକ ମାଗିବା ନିମନ୍ତେ ବସିଥିଲା ।
ସେ ପିତର ଓ ଯୋହନଙ୍କୁ ଭିକ୍ଷା ମାଗିବାକୁ ଲାଗିଲା ।
9


ପୁଣି ପିତର କହିଲେ, ରୁପା କି ସୁନା ମୋହର
ନାହିଁ, ମାତ୍ର ମୋହର ଯାହା ଅଛି ତାହା ମୁଁ
ତୁମ୍ଭକୁ ଦେଉଅଛି । ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ
ନାମରେ ଚ଼ାଲ । ସେ ତାହାକୁ ତାହାର ଡାହାଣ
ହାତରେ ଧରି ଉଠାଇଲେ । ତେଣୁ ସେ କୁଦା
ମାରି ଠିଆ ହେଲା, ପୁଣି ଚ଼ାଲିବାକୁ ଲାଗିଲା
ଏବଂ ଚ଼ାଲୁ ଚ଼ଲୁ ଓ କୁଦା ମାରୁ ମାରୁ, ପୁଣି
ଈଶ୍ୱରଙ୍କ ପ୍ରଶଂସା କରୁ କରୁ ସେମାନଙ୍କ
ସହିତ ମନ୍ଦରରେ ପ୍ରବେଶ କଲା ।
10


ଅନେକ ଲୋକ ଏକତ୍ର ହେଲେ, ଆଶ୍ଚର୍ଯ୍ୟ କର୍ମ ହେତୁ ଚ଼ମତ୍କୃତ ହେଲେ । ପିତର ସେମାନଙ୍କୁ କହିଲେ,
ଯାହା ଏହି ଖଞ୍ଜା ଲୋକକୁ ସୁସ୍ଥ କରିଅଛି ତାହା ସଦାପ୍ରଭୁଙ୍କ ଶକ୍ତି ଅଟେ, ଆମ୍ଭର ନୁହେଁ ।
ଯେତେବେଳେ ପିତର ଯୀଶୁଙ୍କ ପୁନରୁଥାନ ବିଷୟରେ ଯିହୁଦିମାନଙ୍କୁ ମନେକରାଇଲେ,
ସେତେବେଳେ ମନ୍ଦିରରେ ଯାଜକମାନେ ସେନାପତି
ସେମାନେ ସେମାନଙ୍କୁ ଧରି ପରଦିନ ପର୍ଯ୍ୟନ୍ତ
କାରାଗାରରେ ରଖିଲେ । ତଥାପି ପ୍ରାୟ ୫୦୦୦
ଲୋକ । ଯୀଶୁଙ୍କୁ ବିଶ୍ୱାସ କଲେ ।
11


ପରଦିନ, ପିତର ଓ ଯୋହନ ଅଧ୍ୟକ୍ଷ ମାନଙ୍କ ଆଗରେ ଠିଆହେଲେ । କି ଶକ୍ତିରେ ବା
କେଉଁ ନାମରେ ତୁମ୍ଭେମାନେ ଏହା କରିଅଛ, ସେମାନେ ପଚ଼ାରିଲେ । ସେତେବେଳେ ପିତର
ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ସେମାନଙ୍କୁ କହିଲେ, ... ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ,
ଯାହାଙ୍କୁ ତୁମ୍ଭେମାନେ କ୍ରୁଶରେ ବଧ କରିଅଛନ୍ତି, ଯାହାଙ୍କୁ ଈଶ୍ୱର
ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ତାହାଙ୍କ ନାମରେ ଏହି ଲୋକଟି
ସୁସ୍ଥ ହୋଇ ଆପଣମାନଙ୍କ ସାକ୍ଷାତରେ ଠିଆ ହୋଇଅଛି ।
12


ନିର୍ଭୟ ଭାବରେ ପିତର କହି ଚ଼ାଲିଲେ, ...
ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ
ନାହିଁ କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ
ପରତ୍ରାଣ ପାଇବାକୁ ହେବ । କଥାଟା
ଯେପରି ଲୋକମାନଙ୍କ ମଧ୍ୟରେ ଆହୁରି
ଅଧିକ ବ୍ୟାପି ନ ଯାଏ ଓ ଲୋକମାନେ
ଯେପରି ଯୀଶୁଙ୍କ ଉପରେ ବିଶ୍ୱାସ ନ କରନ୍ତି
ତେଣୁ ଶାସକମାନେ ପିତର ଓ ଯୋହନଙ୍କୁ
ଯୀଶୁଙ୍କ ବିଷୟରେ ନ କହିବାକୁ
ଭୟ ଦୋଖାଇଲେ ।
13


ପିତର ଥରେ ଯୀଶୁଙ୍କ ନିମନ୍ତେ ଠିଆ ହେବାକୁ ଭୟ କରୁଥିଲେ । କିନ୍ତୁ ତାହା ପବିତ୍ର ଆତ୍ମାଙ୍କ
ଆଗମନ ଆଗରେ
ହୋଇଥିଲା । ବର୍ତ୍ତମାନ୍ କେହିମଧ୍ୟ
ତାଙ୍କୁ ଭୟ ଦେଖାଇ ପାରିବେ
ନାହିଁ । ପିତର ଓ ଯୋହନ
ସେମାନଙ୍କୁ ଉତ୍ତର ଦେଲେ,
ଈଶ୍ୱରଙ୍କ କଥା ଶୁଣିବା ଅପେକ୍ଷା
ଆପଣମାନଙ୍କ କଥା ଶୁଣିବା
ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ କି
ନା, ତାହା ଆପଣିମାନେ ବିଚ଼ାର
କରନ୍ତୁ । କାରଣ ଆମ୍ଭେମାନେ
ଯାହା ଯାହା ଦେଖିଅଛୁ ଓ
ଶୁଣିଅଛୁ ସେ ସବୁ ନ କରି
ରହି ନ ପାରୁ ।
14

ପରେ ସେମାନେ
ସେମାନଙ୍କୁ ଅଧିକ ଭୟ
ଦେଖାଇ ପିତର ଓ ଯୋହନଙ୍କୁ
ଛାଡ଼ିଦେଲେ । ସଦାପ୍ରଭୁଙ୍କ
ବାହାଦୁର ଦାସମାନେ ନିଜ
ସହୋଦରମାନଙ୍କୁ କାରାଗୃହ ଓ
ଜେଲ୍ ଏବଂ ସମସ୍ତ ବିଷୟରେ
ଜଣାଇଲେ । ତାହାପରେ ସେମାନେ
ମହାନ ପ୍ରାର୍ଥନା ଓ ଉପାସନା ସଭା
କଲେ । ପୁନର୍ବାର ସଦାପ୍ରଭୁଙ୍କ ପବିତ୍ର
ଆତ୍ମା ତାଙ୍କ ଲୋକମାନଙ୍କୁ ଶକ୍ତିରେ
ପରିପୂର୍ଣ୍ଣ କଲା-ଏବଂ ସେହି ଶିଶୁ ମଣ୍ଡଳୀ
ଅଧିକରୁ ଅଧିକ ବଢ଼ିବାକୁ ଲାଗିଲା ।



15

ମଣ୍ଡଳୀର ଜନ୍ମ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୧-୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

16




55

60

17

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬

18